# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 2221 CUTTACK, SATURDAY, DECEMBER 3, 2016/MARGASIRA 12, 1938**


## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

ତାରିଖ 4 ନଭେମ୍ବର 2016

ସଂଖ୍ୟା 34172—RDM-LAB-KPT-0011/2016—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନ୍‌ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କୋରାପୁଟଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା ବରିପୁଟ, ଥାନା ବି. ସିଙ୍ଗିପୁର ନଂ. ୭୮, ତହସିଲ ଜୟପୁର, ଜିଲ୍ଲା କୋରାପୁଟରେ ନିମ୍ନସୂଚିତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କୋରାପୁଟ ଜିଲ୍ଲାର ତେଲେଙ୍ଗିର ମଧ୍ୟମ ଜଳସେଚନ ପ୍ରକଳ୍ପର ଡଙ୍ଗର କରଚି-ଗୁକୁନିଗୁଡା ଡିଷ୍ଟ୍ରିବ୍ୟୁଟାରୀ ଓ ବରିପୁଟ ମାଇନର କେନାଲ ଖନନ ନିମନ୍ତେ ନିର୍ବାହୀ ଯନ୍ତ୍ରୀ ତେଲେଙ୍ଗିର କେନାଲ ସେଚଖଣ୍ଡ, ନଂ. ୧, ତେଲେଙ୍ଗିର ମଧ୍ୟମ ଜଳ ସେଚନ ପ୍ରକଳ୍ପର ବାରିଣିପୁଟଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୦୧୮, ତା ୨୦ ଅପ୍ରେଲ ୨୦୧୬ ରିଖରେ ପ୍ରକାଶିତ ହୋଇଅଛି ;

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା ବରିପୁଟ, ଥାନା ବି. ସିଙ୍ଗିପୁର, ଜିଲ୍ଲା କୋରାପୁଟରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.koraput.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଗଲା । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା, ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ – 'କ'**

( ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବରିପୁଟ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୭.୨୮ | ଏ. ୧.୩୮ | ଏଥିସହିତ ସଂଲଗ୍ନ |

**ତଫସିଲ – 'ଖ'**

( ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ )

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ପ୍ରଯୁଜ୍ୟ ନୁହେଁ** | | | | | | | |

LAND SCHEDULE

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) |
| | | | | | ଏକର | ଏକର | |
| ବରିପୁଟ | ଗ୍ରାମାଞ୍ଚଳ | ୦୫ | ୬୯ | ଧାନ ତିନି | ୧.୦୮ | ୦.୪୫ | ବଡ ଅର୍ଜୁନ ପେଣ୍ଠିଆ, ପି. ଚୈତନ ପେଣ୍ଠିଆ । |
| ବରିପୁଟ | ଗ୍ରାମାଞ୍ଚଳ | ୨୪ | ୨୦ | ଧାନ ତିନି | ୦.୧୫ | ୦.୧୦ | ଚେରଙ୍ଗୁ ପରଜା, ପି. ଲେଞ୍ଜୁ ପରଜା । |
| ବରିପୁଟ | ଗ୍ରାମାଞ୍ଚଳ | ୩୫ | ୨୧ | ଡଙ୍ଗର ତିନି | ୧.୬୮ | ୦.୨୨ | ଧନୁର୍ଜୟ ପେଣ୍ଠିଆ, ପି. କମଲୁ ପେଣ୍ଠିଆ । |
| ବରିପୁଟ | ଗ୍ରାମାଞ୍ଚଳ | ୪୫ | ୩୧ | ଧାନ ଦୁଇ | ୦.୮୧ | ୦.୦୫ | ବାସୁ ପେଣ୍ଠିଆ, ଦାମୋଦର ପେଣ୍ଠିଆ, ପି. ସାନ କମଲୁ ପେଣ୍ଠିଆ । |
| ବରିପୁଟ | ଗ୍ରାମାଞ୍ଚଳ | ୪୬ | ୪୩ | ଡଙ୍ଗର ଦୁଇ | ୦.୭୨ | ୦.୧୨ | ବାସୁ ପେଣ୍ଠିଆ, ଦାମୋଦର ପେଣ୍ଠିଆ, ପି. ସାନ କମଲୁ ପେଣ୍ଠିଆ । |
| ବରିପୁଟ | ଗ୍ରାମାଞ୍ଚଳ | ୬୬/୬ | ୪୫ | ଧାନ ଦୁଇ | ୦.୮୧ | ୦.୨୯ | ଚକ୍ର ପେଣ୍ଠିଆ, ପି. ଭଗବାନ ପେଣ୍ଠିଆ । |
| ବରିପୁଟ | ଗ୍ରାମାଞ୍ଚଳ | ୬୬/୩୩୫ | ୨୨ | ଧାନ ତିନି | ୦.୨୧ | ୦.୧୫ | ଲଛମନ ଗଉଡ, ପି. ଲକ୍ଷ୍ମଣ ଗଉଡ । |
| | | | | **ମୋଟ . .** | **୭.୨୮** | **୧.୩୮** | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ସଂଗ୍ରାମ କେଶରୀ ମହାପାତ୍ର**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1641—173+20